## ନକଲି ତମାଖୁ ୟୁନିଟ୍ ଠାବ

ଭଦ୍ରକ ଅଫିସ: ଭଦ୍ରକ ପୁରୁଣାବଜାର ଥାନା ଅନ୍ତର୍ଗତ ବଡ଼ ଶଙ୍କରପୁର ନିକଟ ଏକ ଘରୁ ଗୁରୁବାର ସନ୍ଧ୍ୟାରେ ନକଲି ତମାଖୁ ପ୍ରସ୍ତୁତି ୟୁନିଟ୍ ଠାବ କରାଯାଇଛି। ପୋଲିସ ସୂଚନା ମୁତାବକ, ଚଢ଼ାଉ ବେଳେ ଉକ୍ତ ଘରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ତମାଖୁ ପ୍ୟାକେଟ ଜବତ ହୋଇଛି। ଏହି ଘଟଣାରେ ନକଲି ୟୁନିଟ୍ ମାଲିକ ସାହିଦ କାଦିରଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଛି।



# ସୂଚନାଦାତାଙ୍କ କାର୍ ପୋଡ଼ି ଘଟଣା, ୨ ଗିରଫ

**ଭଦ୍ରକ ଅଫିସ, ୧୬।୧୦**

ଚୋରା କୋଇଲା ବେପାରୀଙ୍କ ସମ୍ପର୍କରେ ପୋଲିସକୁ ତଥ୍ୟ ଦେଇଥିବା କାରଣରୁ ଭଦ୍ରକ ଗ୍ରାମାଞ୍ଚଳ ଥାନା ବରହମ୍ପୁର ପରିବିନ୍ଧା ମାରାପୁର ଗାଁର ପ୍ରତାପ ବେହେରାଙ୍କ ଘର ସମ୍ମୁଖରେ ଥିବା କାର୍‌କୁ କେହି ପେଟ୍ରୋଲ ପକାଇ ପୋଡ଼ି ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବାରୁ ପୋଲିସ ଘଟଣାର ତଦନ୍ତ ଚଳାଇ ଶୁକ୍ରବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବାଲିବିଲି ଗାଁର କନିଷ୍କ ମଲ୍ଲିକ ଓ ନନ୍ଦ ମଲ୍ଲିକ। ଏନେଇ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ. ୫୯୮/୨୦) ରୁଜୁ ହୋଇଛି। ଅନ୍ୟ ୬ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ଥାନାଧିକାରୀ ଆଲୋକ କୁମାର ଜେନା କହିଛନ୍ତି।

# ବିଦେଶ ମାଟିରେ ଝଲସିଲା ମୋନାଲିସାଙ୍କ ଚିତ୍ରକଳା

**ବୀରକିଶୋର ଦାଶ**
**ପାଟଣା, ୧୬।୧୦**

ଆକର୍ଷଣୀୟ ଚିତ୍ରକଳା ଆଙ୍କି ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚିତି ଲାଭ କରିଥିବା ଓଡ଼ିଆ ଝିଅ ମୋନାଲିସା ଦାଶ( ଉପାଧ୍ୟାୟ)। କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ଦୁର୍ଗାଦେଇପୁର ଶାସନରେ ତାଙ୍କର ଜନ୍ମ। ଦୁବାଇସ୍ଥିତ ୱାର୍ଲ୍ଡ ଟ୍ରେଡ଼ ସେଣ୍ଟରରେ ଅକ୍ଟୋବର ୮ରୁ ୧୦ତାରିଖରେ ୩ଦିନ ବ୍ୟାପି ହୋଇଥିବା ବିଶ୍ୱର ଅନ୍ୟତମ ଆର୍ଟ ଫେୟାର 'ୱାର୍ଲଡ଼ ଆର୍ଟସ ଦୁବାଇ ୨୦୨୦ ପ୍ରଦର୍ଶନୀ'ରେ ମୋନାଲିସାଙ୍କ ଚିତ୍ରକଳା ପ୍ରଦର୍ଶିତ ହେବା ସହ ସେ କଳାକାର, ଆୟୋଜକ, ଦର୍ଶକ ଓ ଜୁରୀଙ୍କ ଦାରା ଉଚ୍ଚ ପ୍ରଶଂସିତ ହୋଇଛି। ଉକ୍ତ ପ୍ରଦର୍ଶନୀରେ ବିଶ୍ୱର ୫୦ଟି ଦେଶରୁ ୧୫ଶହରୁ ଊର୍ଦ୍ଧ୍ୱ ବଛା ବଛା ଚିତ୍ରଶିଳ୍ପୀଙ୍କ କଳାକୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ଓଡିଶାରୁ ପ୍ରଦର୍ଶନୀରେ ସ୍ଥାନ ପାଇଥିବା ମୋନାଲିସାଙ୍କ ଚିତ୍ରକଳା ଦର୍ଶକଙ୍କ ଆଦୃତି ଲାଭ କରିବା ସହ ବିଚାରକଙ୍କ ଦାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ମୋନାଲିସାଙ୍କ ଚିତ୍ରକଳାଗୁଡିକ ବିଶେଷ କରି କପଡା, ଓଏଲ ପେପର ଓ ପେନାଲର କାନଭାସ ଉପରେ ଓଏଲ ଓ ଏର୍ସଲିକ ପେଣ୍ଟିଂରେ ସମସାମୟିକ ସମାଜ, ପ୍ରକୃତି ଓ ଭାରତୀୟ ସଂସ୍କୃତିର ପ୍ରତିଛବି ସ୍ୱାକ୍ଷର ବହନ କରିଥାଏ, ଯାହାକି ବିଦେଶୀ କଳାପ୍ରେମୀମାନଙ୍କୁ ଆକୃଷ୍ଟ କରିଥାଏ।


ନିଜ କଳାକୃତି ସହ ମୋନାଲିସା।

ସୋମନାଥ ଦାଶଙ୍କ ଝିଅ ମୋନାଲିସା। ମୋନାଲିସା ଓଡିଶାର ଝିଅ ହୋଇଥିଲେ ହେଁ କିଛିବର୍ଷ ତଳେ ଝାଡଖଣ୍ଡ ରାଜ୍ୟ ବାହାଡ଼ାଗୋଡ଼ା ଗ୍ରାମର ଜୀବବିଜ୍ଞାନୀ ଗୌତମ କୁମାର ଉପାଧ୍ୟାୟଙ୍କୁ ବିବାହ କରିଛନ୍ତି। ୭ବର୍ଷ ହେବ ଉଭୟ ଦୁବାଇରେ ଅବସ୍ଥାନ କରୁଛନ୍ତି। ଦୁବାଇର 'ଆର୍ଟ୍ସ ମିଲେ ଆଟ୍ ଡବଲ ଟ୍ରି' ମାଧ୍ୟମରେ ମୋନାଲିସା ବିଭନ୍ନ ଚିତ୍ରକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ଏ ସମ୍ପର୍କରେ ମୋନାଲିସା କହିଛନ୍ତି, ସେ କୌଣସି ଶିକ୍ଷାନୁଷ୍ଠାନରେ ବିଧିବଦ୍ଧ ଟ୍ରେନିଂ ନେଇନାହାନ୍ତି। ପିଲାଟି ବେଳୁ କଳା ପ୍ରତି ଥିବା ତାଙ୍କର ଅଦମ୍ୟ ଦୁର୍ବଳତା, ମା', ଭାଇ ଓ ସ୍ୱାମୀଙ୍କ ପ୍ରେରଣା ତାଙ୍କୁ ଆଜି ଏଇ ସ୍ଥାନରେ ପହଞ୍ଚାଇଛି। ଚିତ୍ରକଳା ମାଧ୍ୟମରେ ବିଶ୍ୱରେ ବିଶେଷ କରି ଓଡିଶା ଓ ଭାରତର ସଂସ୍କୃତି, ଲୋକଙ୍କ ସାବଲୀଳ ଜୀବନଶୈଳୀ ଓ ଭାରତୀୟ ପ୍ରକୃତିର ଅପରୂପ ଶୋଭାରାଜି ପ୍ରଚାର ଓ ପ୍ରସାର କରିବା ତାଙ୍କର ମୂଳ ଲକ୍ଷ୍ୟ ବୋଲି କୁହନ୍ତି ମୋନାଲିସା।

# କ୍ଷେତ୍ର ବୁଲିଲେ ଅଧିକାରୀ


ଅଧିକାରୀମାନେ ଟିଲୋ ଗ୍ରାମର ଧାନ କ୍ଷେତ ବୁଲି ଦେଖୁଛନ୍ତି।

**ବନ୍ତ,୧୬।୧୦(ଡି.ଏନ୍.ଏ.)**

### ଫସଲରେ ରୋଗପୋକ

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ପଞ୍ଚାୟତର ଟିଲୋ ଓ ଦେବତାଗଡ଼ିଆ ଆଦି ଗ୍ରାମର ଧାନ ଫସଲରେ ରୋଗ ପୋକ ଲାଗିଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଶୁକ୍ରବାର କୃଷି ବିଭାଗ ବୈଜ୍ଞାନିକ ଓ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ସହିତ ରୋଗପୋକ ନିରାକରଣ ପାଇଁ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରସାଦ କୁମାର ନାୟକ, କେ.ବି.କେ ରାଣୀତାଲର ମୁଖ୍ୟ ବୈଜ୍ଞାନିକ ଡ.ଅରବିନ୍ଦ ଦାଶ, ଭଦ୍ରକ କୃଷି ଅଧିକାରୀ ଦିଲ୍ଲୀପ କୁମାର ଖୁଣ୍ଟିଆ, ବ୍ଲକ ସହକାରୀ କୃଷି ଅଧିକାରୀ ରମେଶ ଚନ୍ଦ୍ର ରାୟ, ଗ୍ରାମ୍ୟ କୃଷି କର୍ମଚାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସେଠୀ, କେ.ଭି.କେ ମଣ୍ଟୁ ଚୌଧୁରୀ ସମ୍ପୃକ୍ତ ଗ୍ରାମକୁ ଯାଇ ଚାଷ ଜମିର ରୋଗପୋକ ଦେଖିଥିଲେ। ଉପରୋକ୍ତ ଦୁଇଟି ଗ୍ରାମର ପ୍ରାୟ ୧୨ରୁ ୧୪ ଏକର ଚାଷ ଜମିର ଧାନ ଗଛରେ ପତ୍ରପୋଡ଼ା ରୋଗ ଓ କେତେକାଂଶରେ ପତ୍ର ଆଚ୍ଛାଦ ପୋଡ଼ା ରୋଗ ହୋଇଥିବା ଅଧିକାରୀମାନେ ଦେଖିଥିଲେ । ରୋଗର ନିରାକରଣ ପାଇଁ ମୁଖ୍ୟ କୃଷି ବୈଜ୍ଞାନିକ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦେଇଥିବା ବ୍ଲକ ସହକାରୀ କୃଷି ଅଧିକାରୀ ସୂଚନା ଦେଇଛନ୍ତି।

# ରିଲିଫ୍ ଦାବିରେ ଆମରଣ ଅନଶନ

**ତିହିଡ଼ି, ୧୬।୧୦(ସ୍ୱ.ପ୍ର.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ କାଁପଡ଼ା ପଞ୍ଚାୟତରେ ରିଲିଫ୍ ପ୍ରଦାନରେ ପାତର ଅନ୍ତର କରାଯାଇଥିବା ଅଭିଯୋଗ କରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗତ ୯ ତାରିଖଠାରୁ ୧୯ଟି ପରିବାର ପ୍ରଥମେ ଗଣଧାରଣା ଦିଆଯାଇଥିଲା। ପରେ ୧୨ତାରିଖରୁ ୩ ଜଣ ଆମରଣ ଅନଶନରେ ବସିଥିଲେ। ଗତ ୧୪ ତାରିଖରେ ସେମାନଙ୍କ ମଧ୍ୟରୁ ଶଶିକାନ୍ତ ମଲିକ ଗୁରୁତର ହେବାରୁ ତାଙ୍କୁ ତିହିଡ଼ି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେହିପରି ଅନଶନକାରୀଙ୍କ ମଧ୍ୟରୁ ଦିଲ୍ଲୀପ ଦାସ ମଧ୍ୟ ଶୁକ୍ରବାର ଗୁରୁତର ହେବାରୁ ତାଙ୍କୁ ତିହିଡ଼ି ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଗତ ୮ ଦିନ ଧରି ବ୍ଲକ ପ୍ରଶାସନ ସେମାନଙ୍କୁ ଭେଟି ସମସ୍ୟାର ସମାଧାନ ନ କରି ଶୁକ୍ରବାର ଅପରାହ୍ନରେ ତିହିଡ଼ି ବିଡିଓ, ବ୍ଲକ ଅଧକ୍ଷା, ତହସିଲଦାର ଓ ଜଣେ ପୋଲିସ ଅଧିକାରୀ ମେଡିକାଲ ଯାଇ ଚିକିତ୍ସିତ ହେଉଥିବା ଦୁଇ ଅନଶନକାରୀଙ୍କୁ ଆଶ୍ୱାସନା ପ୍ରଦାନ କରିବା ସହିତ ଏହି ସମସ୍ୟାର ତୁରନ୍ତ ସମାଧାନ କରାଯିବା ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଯେ, ରିଲିଫ୍‌ରୁ ବଞ୍ଚିତ ଏହି ପରିବାର ଗତ ମାସ ୨୧ତାରିଖରେ ବିଡିଓଙ୍କୁ ଭେଟି ଅଭିଯୋଗ କରିବା ସହ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ମଧ୍ୟ ଅବଗତ କରିଥିଲେ।

**୨ ଅସୁସ୍ଥ ଡାକ୍ତରଖାନାରେ ଭର୍ତ୍ତି**

# ଧର୍ମାନ୍ତରୀକରଣ ବିରୋଧରେ ସଭା

**ପାଟଣା,୧୬।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଅଧୀନ କୁଣ୍ଡଳା ପଞ୍ଚାୟତର ଜୟପୁର ଗ୍ରାମରେ ଗୁରୁବାର ଅପରାହ୍ନରେ ବେଆଇନ ଧର୍ମାନ୍ତରୀକରଣ ବିରୋଧରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମର ଲୋକେ ଯୋଗ ଦେଇଥିଲେ। ଏହି ସଭାରେ ନିରୀହ ଗ୍ରାମବାସୀଙ୍କୁ ପ୍ରଲୋଭିତ କରି ସେମାନଙ୍କ ଧର୍ମ ପରିବର୍ତ୍ତନ କରାଉଥିବା ନେଇ ଚିନ୍ତା ବ୍ୟକ୍ତ କରାଯାଇଥିଲା। ରମେଶ ଚନ୍ଦ୍ର ହେମ୍ବ୍ରମଙ୍କ ଆହ୍ୱାନ କ୍ରମେ ସଭା ଅନୁଷ୍ଠିତ ହୋଇଥିଲା। ତ୍ରିନାଥ ମାହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଫକୀରମୋହନ ଟୁଡୁ, ମୁଖ୍ୟବକ୍ତା ଜିଲା ଧର୍ମଜାଗରଣ ମଞ୍ଚର ସଂଯୋଜକ ଆଇନଜୀବୀ ଶିବାଜୀ ଗୌତମ ମହାନ୍ତ ବର୍ମା, ସମ୍ମାନିତ ଅତିଥି ଧ୍ରୁବଚରଣ ନାଏକ, ବିରଞ୍ଚି ନାରାୟଣ ମହାନ୍ତ ଓ କୁଣ୍ଡଳାର ପୂର୍ବତନ ସରପଞ୍ଚ ଶତ୍ରୁଘନ ନାଏକ ପ୍ରମୁଖ ଯୋଗ ଦେଇଥିଲେ।

# ବିଶ୍ୱ ଖାଦ୍ୟ ଦିବସ

**ବାରିପଦା ଅଫିସ,୧୬।୧୦:** ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି । ଖାଦ୍ୟ ଏବଂ କୃଷି ସଂସ୍ଥାର ୭୫ବର୍ଷ ପୂର୍ତ୍ତିପାଳନ ଅବସରରେ ବୈଜ୍ଞାନିକ ଡ.ସଂଘମିତ୍ରା ପଟ୍ଟନାୟକ ଉପସ୍ଥିତ ରହି ଶିଶୁଙ୍କ ବୃଦ୍ଧି ଓ ପୋଷଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ ଦିବସରେ ୩୫ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଉପସ୍ଥିତ ଥିଲେ। ସମାଜରେ ପୁଷ୍ଟିହୀନତାକୁ ଦୂର କରିବା ପାଇଁ କେନ୍ଦ୍ର ପକ୍ଷରୁ ତାଲିମ ଯୋଗାଇବା ସହିତ ପାକଶାଳା ବଗିଚା ସୃଷ୍ଟି କରି ଚାଷୀଙ୍କୁ ଅଧିକ ସ୍ୱାବଲମ୍ବୀ କରିବାକୁ ପ୍ରେରଣା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶାମାଖଣ୍ଟା ସିଡିପିଓ ଉର୍ମିଳା ବେହେରା, ସୁପରଭାଇଜର ବିଟୁ ଟୁଡୁ,ମିଶନ ଶକ୍ତି କୋ-ଅର୍ଡିନେଟର ଜ୍ୟୋତିର୍ମୟୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗୃହ ବିଜ୍ଞାନୀ ଝୁନୀଲତା ଭୂୟାଁ ଧନ୍ୟବାଦ ଦେଇଥିଲେ।

# ବ୍ୟାନରକୁ ନେଇ ଚର୍ଚ୍ଚା


ପୁରୁଣାବଜାର ଅଞ୍ଚଳରେ ଲଗାଯାଇଥିବା ବ୍ୟାନର୍।

**ଭଦ୍ରକ ଅଫିସ, ୧୬।୧୦:** ଭଦ୍ରକ ସହରର ବିଭିନ୍ନ ସ୍ଥାନରେ ଶାସକ ଦଳକୁ ସମାଲୋଚନା କରି ବ୍ୟାନର ମରାଯାଇଥିବାରୁ ଦେଖିବାକୁ ମିଳିଛି। ସହରର ମୁଖ୍ୟରାସ୍ତା କୁହାଯାଉଥିବା ବିଭିନ୍ନ ରାସ୍ତା ଓ ସମସ୍ୟାର ଫଟୋଚିତ୍ର ଏହି ବ୍ୟାନର୍ ମାଧ୍ୟମରେ ଉଲ୍ଲେଖ କରାଯାଇ ଶାସକ ଦଳକୁ ସମାଲୋଚନା କରାଯାଉଛି। ପରୋକ୍ଷରେ ଏହା ବିରୋଧୀ ଦଳଙ୍କ ଚକ୍ରାନ୍ତ ବୋଲି ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ପ୍ରତିକ୍ରିୟା ରଖିଥିବା ବେଳେ ସାଧାରଣରେ ଏହି ପୋଷ୍ଟର ଲୋକଙ୍କ ସମସ୍ୟାର ପ୍ରତିଫଳନ ବୋଲି କୁହାଯାଇଛି। ପୁରୁଣାବଜାରର ବିଭିନ୍ନ ଛକରେ ଲାଗିଥିବା ବଡ଼ ବ୍ୟାନରଗୁଡ଼ିକ ମାଧ୍ୟମରେ ପୁରୁଣାବଜାର ଅଞ୍ଚଳବାସୀ ଜବାବ ମାଗୁଥିବା ଉଲ୍ଲେଖ କରାଯାଇଛି। ଯଦି ଏହି ସମସ୍ୟା ତୁରନ୍ତ ସମାଧାନ କରା ନ ଯାଏ ତେବେ ପ୍ରତିବାଦ ତୀବ୍ର ହେବ ଏବଂ ଏକ ଆନ୍ଦୋଳନର ରୂପ ନେବ ବୋଲି ବ୍ୟାନର୍‌ରେ ଉଲ୍ଲେଖ କରାଯାଇଥିବା ଦେଖିବାକୁ ମିଳିଛି।




For more details contact : SYMPHONY LTD. - BALASORE : 9337771397

DISTRIBUTORS : BALASORE : AMBIKA TRADERS 8249995236, DIGVIJAY ELECTRONICS 6370307455 KEONJHAR : UTKAL ELECTRONICS 9938688899 BHADRAKH : GLOBAL MARKETING JOHOLY 9437193737

